## ସଂକ୍ଷେପରେ

### ବିଶୁଦ୍ଧ ପାନୀୟ ଜଳ ମେଶିନ ଲୋକାର୍ପିତ

ଗୁଣପୁର, ୧୪।୪ (ସଂକେତ ପାତ୍ର)

ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁଣପୁର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ତ୍ରିନାଥ ମନ୍ଦିର ପରିସରରେ ମଙ୍ଗଳବାର ଏକ ବିଶୁଦ୍ଧ ପାନୀୟ ଜଳ ମେଶିନ (ୱାଟର ପ୍ୟୁରିଫାୟର) ଲୋକାର୍ପିତ ହୋଇଛି। ଗ୍ରୀଷ୍ମଋତୁରେ ଶୁଦ୍ଧ ପାଣିର ଅଭାବକୁ ଦୃଷ୍ଟିରେ ରଖି ଏହି ମେଶିନ ସ୍ଥାପନ କରାଯାଇଥିବା କୁହାଯାଇଛି। ସ୍ୱର୍ଗତ ଲାଡ଼ି ନାଗେଶ୍ୱର ରାଓଙ୍କ ସ୍ମୃତିରେ ତାଙ୍କ ପୁତ୍ର ଲାଡ଼ି ସୁରେଶ ଓ ଲାଡ଼ି ଦିବ୍ୟାଙ୍କ ପକ୍ଷରୁ ଏହା ଦାନ କରାଯାଇଛି। ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକାର୍ପଣ କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ମଧ୍ୟ ଉପସ୍ଥିତ ଥିଲେ। ସତ୍ୟସାଇ ସେବା ସମିତିର ଆୟୋଜନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ସର୍ବୋଦୟ ନେତା ରତନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

ଗୁଣପୁର,୧୪।୪(ସୁଜାତା ପାଢ଼ୀ)

ବିଶିଷ୍ଟ ସାମାଜିକ କର୍ମୀ ତଥା ସର୍ବୋଦୟ ନେତା ଡ. ରତନ ଦାସଙ୍କ ନବମ ଶ୍ରାଦ୍ଧବାର୍ଷିକୀ ସେବା ସମାଜ ଗୁଣପୁର କାର୍ଯ୍ୟାଳୟଠାରେ ମଙ୍ଗଳବାର ପାଳିତ ହୋଇଥିଲା । ସାମାଜିକ କର୍ମୀ ଅକ୍ଷୟ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଅନ୍ତେବାସୀଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ, ଡ. ରତନ ଦାସ ଗୋଟି ପ୍ରଥା ଉଚ୍ଛେଦ, ସନ୍ଥ ବିନୋବାଙ୍କ ସହ ଭୂଦାନ ପଦଯାତ୍ରାକରି ଭୂମିହୀନଙ୍କୁ ଭୂମି ବାଣ୍ଟିବା, ବିପଦରେ ପଡ଼ିଥିବା ଲୋକଙ୍କ ସାହାଯ୍ୟ କରିବା, ସେବା ସମାଜ ଭଳି ଏକ ଅନୁଷ୍ଠାନ ପ୍ରତିଷ୍ଠାକରି ବାଳିକାଙ୍କ ଶିକ୍ଷା କ୍ଷେତ୍ରରେ



ସହଯୋଗକରି ଅବିଭକ୍ତ କୋରାପୁଟରେ ସୁନାମ ଅର୍ଜନ କରିଥିଲେ। ଶିକ୍ଷୟିତ୍ରୀ ନିହାରିକା ପ୍ରଧାନ, ସସ୍ମିତା ପାଣି, ଝରଣା ନାଏକ, ଲିମାମେଡା ବାଳିକା ନିବାସର ସମସ୍ତ ଛାତ୍ରୀ, ସେବା ସମାଜ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ ଅନ୍ତେବାସୀ ଏବଂ କର୍ମକର୍ତ୍ତା ଯୋଗଦେଇ ସ୍ମୃତିଚାରଣ କରିଥିଲେ । ସେବା ସମାଜ ସଭାପତି ମାୟା ଶବର ମଞ୍ଚାସୀନ ଥିଲେ। ଶେଷରେ ସାହିତ୍ୟିକା ଡ. ବାସନ୍ତୀ ମହାନ୍ତି ପୁଷ୍ପ ମାଲ୍ୟାର୍ପଣକରି ତାଙ୍କ ସହ ସାମାଜିକ କାମ କରିବା ସମ୍ପର୍କରେ ଏବଂ ଡ. ରତନ ଦାସଙ୍କ ଦ୍ୱାରା ରଚିତ ଇଂଲିଶ୍ ବ୍ରିଙ୍ଗ୍ ବେକ ଗାନ୍ଧୀ ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରିଥିବା ପ୍ରକାଶ କରିଥିଲେ।

### ହନୁମାନ ଜୟନ୍ତୀ ପାଳିତ

ଟିକିରି,୧୪।୪
(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରିସ୍ଥିତ ହନୁମାନ ମନ୍ଦିରରେ ଧୁମଧାମରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ମନ୍ଦିର ପୂଜକ ନିରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏହା ସହ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ଓ ପଣା ବଣ୍ଟନ କରାଯାଇଥିଲା। ଟିକିରି ଗଙ୍ଗାଦେବୀ ଠାକୁରାଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିରର ନିକଟରେ ମଧ୍ୟ ପଣା ବଣ୍ଟନ ହୋଇଥିଲା।

# ସାମାଜିକ ନ୍ୟାୟର ପ୍ରତିଷ୍ଠାତା ଥିଲେ ଆମ୍ବେଡକର

ରାୟଗଡା/ଗୁଣପୁର,୧୪।୪
(ଆଶିଷ ରଞ୍ଜନ ପଣ୍ଡା/ ସଂକେତ ପାତ୍ର)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବା ସାହେବ ଭୀମ୍‌ରାଓ ଆମ୍ବେଡକରଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ୩୨୬ ନମ୍ବର ଜାତୀୟ ରାଜପଥ ତହସିଲ ଛକ ଓ ଆମ୍ବେଡକର ନଗରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା, ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି, ଆଇନଜୀବୀ ପ୍ରଦୀପ ଦାଶ ଯୋଗଦାନକରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟଠାରେ ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ନାୟକ, କହଁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଖେମୁଣ୍ଡୁ ଯୋଗଦେଇ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ସଂଘର୍ଷମୟ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଆମ୍ବେଡକର ଗଣତନ୍ତ୍ର, ସାମାଜିକ ନ୍ୟାୟର ପ୍ରତିଷ୍ଠାତା ଥିଲେ ଓ ଭାରତ ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ



ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

### ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

କରିଥିଲେ। ଅଧ୍ୟାପିକା ଶାନ୍ତିଲତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଗୁଣପୁର ସହରରେ ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଗୁଣପୁର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମିଳିତ ମଞ୍ଚ ପକ୍ଷରୁ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଲୋକେ ଏକାଠି ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାରତର ସମ୍ବିଧାନ ନିର୍ମାତା ଓ ସମାଜ ସୁଧାରକ ଆମ୍ବେଡକରଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିବା ସହ ସମାନତା, ନ୍ୟାୟ ଓ ଶିକ୍ଷାର ମୂଲ୍ୟବୋଧକୁ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ରାଲିରେ ପୁଚ୍ଚାସିଂ ସରପଞ୍ଚ ଏସିଆ ଶବର, ଆଇନଜୀବୀ ରମେଶ ଲିମା, ଦଳିତ ଯୁବକ ନେତା ସାମୁଏଲ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ନବବର୍ଷରେ ନୃତ୍ୟ ପ୍ରତିଯୋଗିତା



ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଗୁଣପୁର, ୧୪।୪ (ସଂକେତ ପାତ୍ର)

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁଣପୁର ପୌର ପରିଷଦ ପକ୍ଷରୁ ଏକ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ସ୍ଥାନୀୟ ଯୁବତୀ ଯୁବକ ଓ ଶିଶୁମାନେ ଅଂଶଗ୍ରହଣକରି ନିଜ ନୃତ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାସହ ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ପାରମ୍ପରିକ ପଣା ବଣ୍ଟନ କରାଯାଇଥିଲା। ପଣା ବଣ୍ଟନ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ଭାଇଚାରା ଓ ସାମ୍ପ୍ରଦାୟିକ ସମ୍ମିଳନର ବାର୍ତ୍ତା ପ୍ରଚାର କରାଯାଇଥିଲା।

# ବ୍ଲକ୍ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ପାଳନ

ଗୁଡାରି, ୧୪।୪
(ପ୍ରମୋଦ କୁମାର ପତି )

ଗୁଡ଼ାରି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। କାର୍ଯ୍ୟାଳୟ ପରିସରରେ ଥିବା ହନୁମାନ ମନ୍ଦିରରେ କର୍ମଚାରୀମାନେ ସାମୂହିକ ଘୃତ ହୋମଯଜ୍ଞରେ ଯୋଗଦାନ କରିଥିଲେ। କର୍ତ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ଶବର ଓ ଧର୍ମପତ୍ନୀ ଦାୟିତ୍ୱ ତୁଲାଇ ଥିଲେ। ଦୁର୍ଗାମାଧବ ପାଠୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଉପସ୍ଥିତ କର୍ମଚାରୀମାନେ ପଣା ବଣ୍ଟନ କରିବା ସହ ପ୍ରସାଦ ବଣ୍ଟନ କରିଥିଲେ। ସେକ୍ସନ ଅଫିସର ବିଶ୍ୱନାଥ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଅନେକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ସେହିପରି ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବବର୍ଷ ପାଳନ ଅବସରରେ ଝୋଟି ଅଙ୍କନ ପ୍ରତିଯୋଗିତା ଓ ପଣା ବଣ୍ଟନ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସରମିତା ଶବର, ଉପାଧ୍ୟକ୍ଷ ବି. ଯୋଗେଶ୍ୱର ରାଓଙ୍କ ସମେତ କାଉନସିଲର, କାର୍ଯ୍ୟାଳୟର କର୍ମଚାରୀ ଓ ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ସହରରେ ନାମ ସଂକୀର୍ତ୍ତନ ହୋଇଥିବା ବେଳେ ବ୍ଲକର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ପାଳନ ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ପଣା ବଣ୍ଟନ କରାଯାଇଥିଲା।



ବ୍ଲକ କାର୍ଯ୍ୟାଳୟରେ ପରିସରରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

# ଓଡ଼ିଆ ନବବର୍ଷରେ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ନୂତନ ପଞ୍ଜିକା ପଠନ



ଶୋଭାଯାତ୍ରାରେ ଅଜ୍ଞାମାଳକୁ ନଗର ପରିକ୍ରମା କରାଯାଉଛି।

ରାୟଗଡ଼ା,୧୪।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଧୁମଧାମରେ ମଙ୍ଗଳବାର ପାଳିତ ହୋଇଯାଇଛି। ନବବର୍ଷ ଉପଲକ୍ଷେ ମଙ୍ଗଳବାର ଅପରାହ୍ନରେ ଶ୍ରଦ୍ଧା ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଆଜ୍ଞାମାଳ ନେଇ ନଗର ପରିକ୍ରମା କରାଯାଇ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ସନ୍ଧ୍ୟା ୬ଟାରେ ନୂତନ ପଞ୍ଜିକା ପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସହରର ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ମହାବିଷୁବ ସଂକ୍ରାନ୍ତି କମିଟି ପକ୍ଷରୁ ମଙ୍ଗଳବାର ଓ ବୁଧବାର ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଉଛି । କମିଟି ପକ୍ଷରୁ ଉପସ୍ଥିତ ଦର୍ଶକଙ୍କୁ ପଣା ଓ କାକରା ବଣ୍ଟନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ଅନସୂୟା ନାଥ ଓ ସୌମଶ୍ରୀ ଚିରଞ୍ଜିତ ଓ ସାଥୀ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

ବୁଧବାର ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରଭୁପାଦ ମହାନ୍ତି ଓ ସାଥୀ ଲିପ୍ସା ମହାପାତ୍ରଙ୍କ ଦ୍ୱାରା ଆଧୁନିକ ଓଡ଼ିଆ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟିପକ୍ଷରୁ ସୂଚନା ମିଳିଛି । କାର୍ଯ୍ୟକ୍ରମକୁ କମିଟିର ଭବାନୀ ଶଙ୍କର ଜେନା, ଦେବାଶିଷ ପଣ୍ଡା, ସନ୍ତୋଷ ଦଳେଇ, ଅନନ୍ତ ପାଢ଼ୀ, ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ରାଜକିଶୋର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାୟଗଡ଼ା ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଡ. ଦୁଷ୍ମନ୍ତ ମହାନ୍ତି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମିନିଆକା,କାଳିରାମ ମାଝୀ, ବସନ୍ତ ଉଲାକା ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକ ତଥା ପରିବେଶବିତ୍‌ଙ୍କ ପରଲୋକ

ରାୟଗଡ଼ା,୧୪।୪(ଆଶିଷ ରଞ୍ଜନ ପଣ୍ଡା)

ହିନ୍ଦୀ ଖବରକାଗଜର ସାମ୍ବାଦିକ ତଥା ଗ୍ରୀନ୍ ରାୟଗଡ଼ାର ଆବାହକ କୃଷ୍ଣକୁମାର ଜେନା (୫୮)ଙ୍କ ସୋମବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ରାଜେଶ୍ୱରୀ ଜେନା, ଝିଅ ସୃତି ଜେନା, ବଡଭାଇ ସନ୍ତୋଷ କୁମାର ଜେନା, ସାନଭାଇ ଉତ୍ତମ କୁମାର ଜେନା, ଭଉଣୀ ସନ୍ଧ୍ୟା ବିଶୋୟୀ, ଜ୍ୱାଇଁ ନିରଞ୍ଜନ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଜେନାଙ୍କ ମୃତ୍ୟୁ ପରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଜେନା ଜଣେ ସାମ୍ବାଦିକ ସହ ପରିବେଶବିତ୍ ଥିଲେ। ସେ ଗ୍ରୀନ୍ ରାୟଗଡ଼ା ନାମରେ ଏକ ସଂସ୍ଥା କରି ଗଛ ଲଗାଇବା ସହ ପରିବେଶକୁ ସୁସ୍ଥ ରଖିବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଥିଲେ। ଏଥିସହ ସେ



ରାୟଗଡ଼ା ପ୍ରେସ୍ କ୍ଲବର ପ୍ରତିଷ୍ଠାତା ସଭ୍ୟ ଥିଲେ। ଭାଜପା ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳିରାମ ମାଝି, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦ ପଣ୍ଡା, ୱାର୍କର୍ସ କ୍ଲବର ସତ୍ୟବାଦୀ ପତି, ପ୍ରେସ୍ କ୍ଲବ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ୱାଇ.ଦାମୋଦର ରାଓ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ଆପଲସ୍ୱାମୀ କାଡ୍ରାକା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପଟ୍ଟନାୟକ, ୟାଲା ଭେଙ୍କଟେଶ୍ୱର ରାଓ, ଶିବ ଶଙ୍କର ଉଲାକା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ଅଗ୍ନିକାଣ୍ଡ ରୋକିବାକୁ ନେଇ ସଚେତନତା

ଗୁଣୁପୁର, ୧୪।୪ (ସଂକେତ ପାତ୍ର)

ଗୁଣପୁର ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ଅଗ୍ନି ନିରାପତ୍ତା ଉପରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଅଗ୍ନିରୁ ଲୋକଙ୍କୁ ରକ୍ଷା କରିବା ଓ ବିପଦ ସମୟରେ ସହଯୋଗ କରିବା ପାଇଁ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶୋଭାଯାତ୍ରାରେ ଅଗ୍ନିଶମ ଗାଡ଼ି ସହ ଏକ ବାଇକ୍‌ରେ ବ୍ୟାନର ଲଗାଇ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ଘରେ ଓ ଦୈନନ୍ଦିନ ଜୀବନରେ ଅଗ୍ନିକାଣ୍ଡ ରୋକିବା ପାଇଁ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଘରେ ଶିଶୁମାନଙ୍କୁ ଅଗ୍ନି ସହ ଖେଳିବାକୁ ନ ଦେବା, ଏସିକୁ ଦିନ ତମାମ ଚାଲୁ ରଖିବା ଅପେକ୍ଷା ମଝିରେ ମଝିରେ ବନ୍ଦ କରିବା ଉଚିତ ଏବଂ ଗ୍ୟାସ୍ ବ୍ୟବହାର ପରେ ରେଗୁଲେଟରକୁ ଭଲଭାବେ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଥିଲା। ଅଗ୍ନିକାଣ୍ଡ ଘଟିଲେ କିମ୍ବା କେଉଁଠି ଅଗ୍ନି ବିପଦ ଦେଖାଦେଇଲେ ତୁରନ୍ତ ଅଗ୍ନିଶମ ବିଭାଗର ଜରୁରୀ ସେବା ସଂଖ୍ୟା ୧୧୨କୁ ସୂଚନା ଦେବା ସହିତ ସତର୍କ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ଏହା ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ଅଗ୍ନିସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧି ପାଇବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।



ଅଗ୍ନିଶମ ବାହିନୀ ଲୋକଙ୍କୁ ସଚେତନ କରୁଛନ୍ତି।

### କାର୍ ଧକ୍କାରେ ମାମୁଁ, ଭଣଜା ଗୁରୁତର

ଦିଗପହଣ୍ଡି,୧୪।୪ (ଅଶେଷ ନାଥ ମିଶ୍ର)

ଗଞ୍ଜାମଜିଲା ଦିଗପହଣ୍ଡି ମୁଖ୍ୟରାସ୍ତା ପୁଞ୍ଜିକଂୟା ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ କାର ଧକ୍କାରେ ବାଇକ୍ ଆରୋହୀ ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର ଗ୍ରାମର ଉପେନ୍ଦ୍ର ନାଇକ ଏବଂ ତାଙ୍କ ଭଣଜା କ୍ଷେତ୍ରମଣି ନାଇକ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଦିବ୍ୟଦର୍ଶନ ସଂଘର ସିଦ୍ଧି ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୁଣପୁର,୧୪।୪( ସୁଜାତା ପାଢ଼ୀ)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟଦର୍ଶନ ସଂଘ ଗୁଣପୁର ଶାଖା ଆନୁକୂଲ୍ୟରେ ଜ୍ଞାନମନ୍ଦିର ପରିସରରେ ମଙ୍ଗଳବାର ସଦ୍‌ଗୁରୁ ଦେବଙ୍କ ୬୦ ତମ ପରମ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଉକ୍ତ ସତ୍‌ସଙ୍ଗରେ ବରିଷ୍ଠ ଗୁରୁ ଭାଇ ଧନଞ୍ଜୟ ବେହେରା, ସନ୍ତୋଷ ମହାପାତ୍ର ଏବଂ ସୀମାଦ୍ରି ଗୌରୀଶଙ୍କର ଭାଇ ଯୋଗଦାନକରି ସଦ୍‌ଗୁରୁ ଦେବଙ୍କ ଉପଲବ୍ଧି କରିଥିବା ଆତ୍ମଜ୍ଞାନ ଉପରେ ଆଲୋକପାତ କରିଥିଲେ। ସଦ୍‌ଗୁରୁ ଅର୍ଜୁନ ୧୯୬୭ ଏପ୍ରିଲ ୧୪ ପଣା ସଂକ୍ରାନ୍ତି ଦିନ ପରମ ସିଦ୍ଧି ଲାଭ କରିଥିଲେ। ସତ୍‌ସଙ୍ଗରେ ପ୍ରାୟ ୨୫୦ରୁ ଅଧିକ ଗୁରୁଭକ୍ତ ଯୋଗଦାନ କରିଥିଲେ। ସତ୍‌ସଙ୍ଗରେ ସଭାପତି ହରିହର ସ୍ୱାଇଁ, ବିଦୁର ପଣ୍ଡା, ପି. ଗୋପାଳ ରାଓ, ଯାଦବ ବେହେରା ତଥା ଅନ୍ୟ ଗୁରୁ ଭାଇ ଭଉଣୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଆମ୍ବେଡକରଙ୍କ ଜୟନ୍ତୀରେ ଶୋଭାଯାତ୍ରା

ଟିକିରି,୧୪।୪(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଡା. ବାବା ସାହେବ ଭୀମରାଓ ରାମଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଟିକିରି ବିଲାମାଳ ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ନୃତ୍ୟର ତାଳେ ତାଳେ ଟୋଟାଗୁଡା ଛକଠାରେ ପହଞ୍ଚିଥିଲା। ଉକ୍ତ ସ୍ଥାନରେ ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ କାଶୀପୁର ବ୍ଲକ୍‌ର ସମସ୍ତ ରାଜନେତା, ଡମ୍ବ ଓ ଆଦିବାସୀ ସମାଜର ସଭାପତି ଓ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଅତିଥିମାନେ ଆମ୍ବେଡକରଙ୍କ ବିଚାର, ଜୀବନୀ ଏବଂ ଦଳିତ, ନିଷ୍ପେଷିତ ସମାଜ ପ୍ରତି ଥିବା ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସେହିପରି ମାଙ୍କଡଝୋଲାଠାରେ ମଧ୍ୟ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଥିଲା।




# ମୋବାଇଲ ଛାଡ଼ି ଓଡ଼ିଆ ସାହିତ୍ୟ ପ୍ରତି ରୁଚି ବଢ଼ାଇବାକୁ ଆହ୍ୱାନ

ଗୁଣପୁର,୧୪।୪(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ମଙ୍ଗଳବାର ଆମ୍ବେଡକର ଜୟନ୍ତୀ ଓ ମହାବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ପ୍ରଶାସନ ଓ କଳିଙ୍ଗ ସାହିତ୍ୟ ଘର ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ମୁଖ୍ୟ ଅତିଥି, ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ, ଯୋହନ ବଡ଼ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାକେନ୍ଦ୍ରରେ ପ୍ରାୟ ୩ ହଜାରରୁ ଅଧିକ ବହି ଗଚ୍ଛିତ ଥିବାବେଳେ ସଭ୍ୟ ସଂଖ୍ୟା କମ୍ ଥିବାରୁ ସଭ୍ୟସଭ୍ୟା ବୃଦ୍ଧି କରିବା, ପାଠକ ସୃଷ୍ଟିକରିବା, ପାଠାଗାରକୁ ଆସୁଥିବା ଖବରକାଗଜ ପ୍ରତି ଲୋକଙ୍କୁ ସଚେତନ କରିବା, ମୋବାଇଲ ଛାଡ଼ି ଓଡ଼ିଆ ସାହିତ୍ୟ ପ୍ରତି ରୁଚି ବଢ଼ାଇବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆମ୍ବେଡକରଙ୍କ ପଢ଼ିବା ସମୟ ଯେପରି ୧୪ ଘଣ୍ଟାରୁ ଅଧିକ ଥିଲା, ସେପରି ଆମେ ପଢ଼ିବା ସମୟ ମଧ୍ୟ ଧାର୍ଯ୍ୟ କରିବା, ହନୁମାନଙ୍କ ଜ୍ଞାନ ଓ ଧୈର୍ଯ୍ୟର ସୀମାକୁ ନିଜ ଭିତରେ ରଖିବା ବୋଲି ମୁଖ୍ୟ ଅତିଥି ଦୁଧାଲ ମତବ୍ୟକ୍ତ କରିଥିଲେ । ଓଡ଼ିଆ ନବବର୍ଷ, ବିଷୁବ ସଂକ୍ରାନ୍ତିର ଶୁଭଦିନରେ ସଭ୍ୟାସଭ୍ୟ ବୃଦ୍ଧି ନିମନ୍ତେ ସମସ୍ତେ ଆଗଭର ହେବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ



ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ସମ୍ବୋଧନ କରୁଛନ୍ତି।

### ଆମ୍ବେଡକରଙ୍କ ଜୟନ୍ତୀ, ବିଷୁବ ମିଳନ

ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ସଭାପତିତ୍ୱ କରିଥିବାବେଳେ ଅନନ୍ତ ପାତ୍ର ସଂଯୋଜନା କରିଥିଲେ । କଳିଙ୍ଗ ସାହିତ୍ୟ ଘର ସଭାପତି ସୁରେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଲିପ୍ସା କହଁର, ଅଭିଷେକ ଶତପଥୀ, ଲୋକପାଳ ଅକ୍ଷୟ ଦାସ, ଖବରଦାତା ତ୍ରିନାଥ ଖଡଙ୍ଗା, ଦେବୀପ୍ରସାଦ ମିଶ୍ର, ସାହିତ୍ୟିକ ପ୍ରତାପ ରାୟ, ସେବା ସମାଜ ସମ୍ପାଦିକା ରାଜେଶ୍ୱରୀ ଦଳାଇ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ବାଉରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଧର୍ମ ପରିବର୍ତ୍ତନ କରିଥିବାରୁ ସତ୍କାର ପାଇଁ ଶ୍ମଶାନରେ ମିଳିଲାନି ଜାଗା

■ ୨୬ ଘଣ୍ଟା ହେଲା ଘରେ ପଡ଼ି ରହିଛି ମୃତଦେହ
■ ସମାଧାନ ହୋଇପାରୁନି ୨ ଗୋଷ୍ଠୀ ମଧ୍ୟରେ ବିବାଦ

ରାଇଘର/ଉମରକୋଟ, ୧୪।୪ (କିରଣ ପଟ୍ଟନାୟକ/ ସନ୍ତୋଷ ଶତପଥୀ)

ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଗାଁ ଶ୍ମଶାନରେ ସତ୍କାର ପାଇଁ ଶବକୁ ମିଳୁନାହିଁ ସ୍ଥାନ । ଦୀର୍ଘ ୨୬ ଘଣ୍ଟା ହେଲା ତାଙ୍କ ମୃତଦେହ ଘରେ ପଡ଼ି ରହିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ରାଇଘର ଏବଂ ଉମରକୋଟ ବ୍ଲକ୍ ଅଞ୍ଚଳରେ। ରାଇଘର ବ୍ଲକ୍ ଅନ୍ତର୍ଗତ ଦେବଗାଁ ପଞ୍ଚାୟତର ଡୁମୁରିମୁଣ୍ଡା ଗ୍ରାମର ଜଣେ ୭୦ ବର୍ଷୀୟା ମହିଳା ରାୟମତି ଗଣ୍ଡଙ୍କ ସୋମବାର ଅପରାହ୍ନ ୩ଟାରେ ମୃତ୍ୟୁ ଘଟିଥିଲା । ତେବେ ମୃତା ଏବଂ ତାଙ୍କ ପରିବାର ଗତ ୩ ବର୍ଷ ହେଲା ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶ୍ମଶାନରେ ଶବ ସତ୍କାର ପାଇଁ ଗ୍ରାମବାସୀ ଜାଗା ଦେଉ ନ ଥିବାରୁ ସେଠାରେ ଉତ୍ତେଜନା ଲାଗି ରହିଛି। ପୋଲିସ ଏବଂ ପ୍ରଶାସନ ଘଟଣାସ୍ଥଳରେ ରହି ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନର ରାସ୍ତା ବାହାରି ନ ଥିବା ଜଣାପଡ଼ିଛି।


ରାଇଘରଠାରେ ପୋଲିସ ଉପସ୍ଥିତିରେ ଗ୍ରାମବାସୀ ବୈଠକ କରି ଆଲୋଚନା କରୁଛନ୍ତି ।

ଏ ନେଇ ଗାଁରେ ଏକ ବୈଠକ କରାଯାଇ ଦୁଇ ଧର୍ମର ଲୋକେ ଆଲୋଚନା କରୁଛନ୍ତି । ଏପରିକି ବୃଦ୍ଧାଙ୍କ ନିଜ ପରିବାରର କେତେଜଣ ଲୋକ ଧର୍ମ ପରିବର୍ତ୍ତନ ନ କରି ମୂଳଧର୍ମରେ ରହିଥିବା ଯୋଗୁ ବୈଠକରେ ମୃତକଙ୍କ ପରିବାର ବିପକ୍ଷରେ ବସି ରହିଛନ୍ତି। ଫଳରେ ନିଜ ବଂଶଧର ପଟ୍ଟା ଜାଗାରେ ମଧ୍ୟ ବୃଦ୍ଧାଙ୍କ ମରଶରୀରକୁ ସତ୍କାର କରିବାକୁ ଅନୁମତି ଦେଉ ନ ଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତିରେ ରାଇଘର ଥାନା ଅଧିକାରୀ, ଉମରକୋଟ ଏସ୍‌ଡିପିଓ, ସ୍ଥାନୀୟ ତହସିଲଦାର ଘଟଣାସ୍ଥଳରେ ଲୋକଙ୍କୁ ବୁଝାଶୁଝା କରୁଥିବା ଦେଖିବାକୁ ମିଳିଛି ।

ସେହିପରି ଉମରକୋଟ ବ୍ଲକ୍ ଅନ୍ତର୍ଗତ କୋପେନା ପଞ୍ଚାୟତ ଅଧୀନ ଅଣ୍ଡରି ଗ୍ରାମର ରାଜମନ ସାନ୍ତାଙ୍କ ସ୍ତ୍ରୀ ମାଣିକ ସାନ୍ତା (୫୪)ଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିବାର ହିନ୍ଦୁଧର୍ମ ପରିବର୍ତ୍ତନକରି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶ୍ମଶାନରେ କିମ୍ବା ଆଖପାଖ ମୌଜାରେ ଶବ ସତ୍କାର କରିବା ପାଇଁ ଜାଗା ଦିଆଯିବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଯଦି ମୃତକଙ୍କ ପରିବାର ହିନ୍ଦୁଧର୍ମ ଗ୍ରହଣ କରନ୍ତି, ତା'ହେଲେ ଗାଁ ମଶାଣିରେ ଶବ ସତ୍କାର ପାଇଁ ଜାଗା ଦେବେ ଏବଂ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି। ଖବରପାଇ ଉମରକୋଟ ତହସିଲଦାର ମେଗବାନ ବାଗ, ବିଡିଓ ମନୋଜ କୁମାର ମେହେର, ଆଇଆଇସି ବିପିନ କୁମାର ବାଗ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା କୌଣସି ସମାଧାନର ବାଟ ବାହାରିପାରି ନ ଥିବା ଏବଂ ଘରେ ଶବ ପଡ଼ିରହିଥିବା ଜଣାପଡ଼ିଛି।

# ଅଗ୍ନି ନିରାପତ୍ତା ଉପରେ ସଚେତନତା



ଅଗ୍ନିଶମ କେନ୍ଦ୍ର ଅଧିକାରୀମାନେ ଲୋକଙ୍କୁ ସଚେତନ କରୁଛନ୍ତି।

ଡାବୁଗାଁ, ୧୪।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଅଗ୍ନିଶମ କେନ୍ଦ୍ରଠାରେ ମଙ୍ଗଳବାର ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ହିମାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀମ ଦମକଳ ଗାଡି ନେଇ ଚାଲିଚାଲି ଅଗ୍ନି ନିରାପତ୍ତା ଉପରେ ସ୍ଲୋଗାନ ଦେଇ ଡାବୁଗାଁ ସହର ପରିକ୍ରମା କରି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜନସାଧାରଣଙ୍କୁ ଅଗ୍ନି ବିପତ୍ତିରୁ ସୁରକ୍ଷା ଦେବା ହେଉଛି ଅଗ୍ନିସେବା ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଗ୍ନିଶମ କେନ୍ଦ୍ର ଅଧିକାରୀ ହିମାଂଶୁ ଶେଖର ନାୟକ କହିଥିଲେ। ପରେ ଡାବୁଗାଁ ପେଟ୍ରୋଲ ପମ୍ପ ନିକଟରେ ପହଞ୍ଚି କର୍ମଚାରୀମାନଙ୍କୁ ଅଗ୍ନି ନିରାପତ୍ତା ଉପରେ ସଚେତନତା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅଗ୍ନିଯୋଦ୍ଧା ଲକ୍ଷ୍ମୀଧର ଜାନୀ ଓ ଦୁଃଖନାସନ ଖଡିଆ, ଅଗ୍ନିଯୋଦ୍ଧା ଡ୍ରାଇଭର ପ୍ରସନ୍ନ ବିଶାଳ, ଅଗ୍ନିଯୋଦ୍ଧା ଜନ୍ମେଜୟ ପଟେଲ, ହେମନ୍ତ ମାଝି, କୈଳାସ ଭୁଏ, ସତ୍ୟପ୍ରିୟ ପ୍ରଧାନ ଓ ମଧୁସୂଦନ ବଗର୍ତ୍ତୀ ପ୍ରମୁଖ ସାମିଲ ଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

ପାପଡାହାଣ୍ଡି, ୧୪।୪ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ହନୁମାନ ମନ୍ଦିରଠାରେ ହନୁମାନ ଜୟନ୍ତୀ ଓ ବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ସ୍ଥାନୀୟ ହିନ୍ଦୁ ଏକତା ବାହିନୀ ତରଫରୁ ଅପରାହ୍ନ ୪ଟାରେ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ବେଶରେ ସୁସଜ୍ଜିତ ରଥ ବାହାରି ଗ୍ରାମ ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ଜୟ ଶ୍ରୀରାମ ଧ୍ୱନିରେ କମ୍ପିଥିଲା ପାପଡାହାଣ୍ଡି ସହର। ଶୋଭାଯାତ୍ରାରେ କୀର୍ତ୍ତନ ଦଳ, ଡିଜେ ବାଜା, ଆଦିବାସୀ ବାଜାର ତାଳେ ତାଳେ ଶ୍ରଦ୍ଧାଳୁ ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ସ୍ୱତନ୍ତ୍ର ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ନବରଙ୍ଗପୁର ଏମ୍‌ପି ପ୍ରତିନିଧି ଜ୍ୟୋତିରଞ୍ଜନ କଂସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ବି. ଜଗନ ମୋହନ ରାଓ, ବିନୋଦ ଅଗ୍ରୱାଲ, ତ୍ରିନାଥ ପ୍ରାଧନ ଓ ହିନ୍ଦୁ ଏକତା ବାହିନୀ ପରିଚାଳନା କରିଥିଲେ। ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକଲ, ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଗ୍ରାମରେ ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଅତିଥି ଏବଂ ଶ୍ରଦ୍ଧାଳୁ।

# ଫକୀରମୋହନ ପଠନଶାଳା ପକ୍ଷରୁ ବିଷୁବ ମିଳନ

ଉମରକୋଟ,୧୪।୪ (ସନ୍ତୋଷ ଶତପଥୀ)

ସ୍ଥାନୀୟ ଫକୀରମୋହନ ପଠନଶାଳା ପକ୍ଷରୁ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ବିଷୁବ ମିଳନ, ପୁସ୍ତକ ଉନ୍ମୋଚନ, ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅଧ୍ୟାପକ ଗୋପାଳ ମହାରଣାଙ୍କ ସଭାପତିତ୍ୱରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଗୀତାଞ୍ଜଳି ଦାଶଙ୍କ ୨ ଟି ପୁସ୍ତକ 'ଭକ୍ତି ନିର୍ଝର' ଓ 'ଅନ୍ତଚେତନାର ସ୍ୱର' ଏବଂ ଏବଂ ସାଗର କୁମାର ପରିଡାଙ୍କ 'ଘୁରୀ ନଈର ସ୍ୱର', ଡାକ୍ତର ସୁରେନ୍ଦ୍ରନାଥ ଦାଶଙ୍କ ପୁସ୍ତକ 'ଆମେ କିପରି ଗୋଲାମ ହେଲୁ' ଏଇ ୪ଟି ପୁସ୍ତକ ଉନ୍ମୋଚନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡ଼େମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ଯୋଗଦେଇ ମହାବିଷୁବ ସଂକ୍ରାନ୍ତିର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ଭାଜପା ରାଜ୍ୟ ସଭାପତି ରମେଶ ଚନ୍ଦ୍ର ସାହୁ, ଅବସର ପ୍ରାପ୍ତ ଜିଲାପାଳ ଗଦାଧର ପରିଡା, ସମାଜସେବୀ ଜୟଦେବ ପରିଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀନିବାସ ପଟ୍ଟନାୟକ, ଅଧ୍ୟାପକ ପରୀକ୍ଷିତ ସାହୁ ଯୋଗଦେଇ ଓଡିଶାର ସଂସ୍କୃତିରେ ଓଡିଆ ନୂଆବର୍ଷ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜୟପୁର, ନବରଙ୍ଗପୁର, ରାଇଘର,ଚନ୍ଦାହାଣ୍ଡି, ଝରିଗାଁ, ବାଲୁଗାଁ ଏବଂ ଉମରକୋଟରୁ ପ୍ରାୟ ୨୦୦ ଓଡିଆ ପ୍ରେମୀ ଅଂଶ ଗ୍ରହଣ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ହନୁମାନ ଜୟନ୍ତୀ ଉପଲକ୍ଷେ ହିନ୍ଦୁ ଏକତା ବାହିନୀର ଶୋଭାଯାତ୍ରା


ଏକତା ବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ନବରଙ୍ଗପୁର,୧୪।୪ (ସଦାଶିବ ପ୍ରହରାଜ)

ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଓ ଓଡିଆ ନବବର୍ଷ ଉପଲକ୍ଷେ ମଙ୍ଗଳବାର ହିନ୍ଦୁ ଏକତା ବାହିନୀ ପକ୍ଷରୁ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରାରେ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା। ଏଥିରେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଓ ବହୁ ଜନସାଧାରଣ ସାମିଲ ହୋଇଥିଲେ । ହିନ୍ଦୁ ଏକତା ବାହିନୀର ଆବାହକ ଗୌରୀଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଦୁର୍ଗର ଆଗୋରୀ ଓ ମହାକାଳି ନୃତ୍ୟ, ରାୟପୁର ଝାଙ୍କି, ମହାରାଷ୍ଟ୍ରର ଢୋଲଦାସା ନୃତ୍ୟ ପରିବେଷଣ । ସେହିଭଳି ସାରା ସହରର ନାରଙ୍ଗୀ ରଙ୍ଗର ହଜାର ହଜାର ପତାକାରେ ସହରକୁ ସଜ୍ଜିତ କରାଯାଇଥିଲା। ୬ଟି ସ୍ଥାନରେ ମନ୍ଦିର ଢ଼ାଞ୍ଚାରେ ତୋରଣ ନିର୍ମାଣ କରାଯାଇଥିଲା। ୨୦ଟି ସଂକୀର୍ତ୍ତନ ଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରର ଭିତରେ ଶ୍ରୀରାମଙ୍କ ରଥ ବାହାରି ଥିଲା । ଜଗନ୍ନାଥ ମନ୍ଦିର ଓ ମା'ଭଣ୍ଡାର ଘରଣୀ ମନ୍ଦିର ରାଜପୁରୋହିତ ନରସିଂହ ତ୍ରିପାଠୀଙ୍କ ଦ୍ୱାରା ମହାଆଳତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଶୋଭାଯାତ୍ରାରେ ଶିଶୁମାନଙ୍କୁ ରାମ, ହନୁମାନ ଏବଂ ବିଭିନ୍ନ ଦେବାଦେବୀଙ୍କ ବେଶଭୂଷାରେ ସଜ୍ଜିତ କରି ସାମିଲ କରାଯାଇଥିଲା। ଏହି ଅବସରରେ ସହରରେ ମଦ ଦୋକାନ ଓ ଆମିଷ ଦୋକାନ ବନ୍ଦ କରାଯାଇଥିଲା। ସେଭଳି ଟ୍ରାଫିକ ନିୟନ୍ତ୍ରଣ ଓ ମହିଳା ପୋଲିସ କର୍ମଚାରୀଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥିଲା । ଅନନ୍ତ ପଣ୍ଡା, ନିର୍ବିବାବୁ ତ୍ରିପାଠୀ, ସନ୍ତୋଷ କୁମାର, ବାବୁ ଯାଦବ, ଦାସରଥ ପଟ୍ଟନାୟକ, ଲଲାଟେନ୍ଦୁ ଲେଙ୍କା, ମୁନା ବିଶୋୟୀ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ। ତେବେ ଦୀର୍ଘ ୧୨ ବର୍ଷ ଧରି ହିନ୍ଦୁ ଏକତା ବାହିନୀ ପକ୍ଷରୁ ସନାତନୀ ହିନ୍ଦୁଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା ପାଇଁ ପ୍ରତିବର୍ଷ ଏହିଭଳି ଭବ୍ୟ କାର୍ଯ୍ୟକ୍ରମ କରାଯାଉଛି । ବିଭିନ୍ନ ଛକରେ ଅନେକ ସଂଗଠନ ପକ୍ଷରୁ ପଣାର ବ୍ୟବସ୍ଥା କରାଯାଇଥିଲା ।

# ହନୁମାନ ଜୟନ୍ତୀରେ କଳସ ଶୋଭାଯାତ୍ରା

ଡାବୁଗାଁ, ୧୪।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମା ଜୟନ୍ତୀନଗରସ୍ଥିତ ହନୁମାନ ମନ୍ଦିରଠାରେ ଶ୍ରୀ ହନୁମାନଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଶ୍ରଦ୍ଧାଳୁ ଏକ କଳସ ଶୋଭାଯାତ୍ରାରେ ବାହାରି ମା' ଠାକୁରାଣୀ ମନ୍ଦିରରୁ ପାଣି ଆଣିବା ପରେ ରୀତିନୀତି ଅନୁସାରେ ଶ୍ରୀ ହନୁମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ହରେକୃଷ୍ଣ ନାୟକ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଭାବେ ମହେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ସହଯୋଗୀ ପୂଜକ ଓ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ମନ୍ଦିର କମିଟି ତରଫରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏଥିରେ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ଅନିଲ ବେହେରା, ଶ୍ରୀନିବାସ ପଟ୍ଟନାୟକ, ଦେବରାଜ ପାତ୍ର ଓ ସାହିର ଯୁବକମାନେ ମିଳିତ ଭାବେ ପରିଚାଳନା କରିଥିଲେ। ଏଥିରେ ଗ୍ରାମ ଓ ବିଭିନ୍ନ ଗ୍ରାମରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

# ବିଷ ପିଇ ବ୍ୟକ୍ତିଙ୍କ ଆତ୍ମହତ୍ୟା ଅଭିଯୋଗ

ଡାବୁଗାଁ, ୧୪।୪ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବିଜାପୁର ଗ୍ରାମର ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ମଙ୍ଗଳବାର ଅପରାହ୍ନରେ ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ମୃତ ବ୍ୟକ୍ତି ହେଲେ କମଳଲୋଚନ ନାୟକ (୫୫)। ଗତ କିଛି ଦିନ ହେଲା ତାଙ୍କର ମାନସିକ ବିକୃତି ହୋଇଥିଲା। ଫଳରେ କମଳଲୋଚନ ଗାଁରେ ବିଭିନ୍ନ ଆଡେ ବୁଲାବୁଲି କରୁଥିଲେ। ସୋମବାର ସକାଳ ପ୍ରାୟ ୧୧ ଟାରେସେ ନିଜ ଚାଷ ଜମି ଆଡକୁ ବୁଲିବାକୁ ଯାଇ ସେଠାରେ ଥିବା କୀଟନାଶକ ଔଷଧ ପିଇ ଦେଇଥିଲେ। ଜମିରେ କାମ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ସକାଳ ପ୍ରାୟ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତକଙ୍କ ପୁତୁରା ମଙ୍ଗଳବାର ମଧ୍ୟାହ୍ନ ୧ ଟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଥାନା ସବ୍‌ଇନସ୍ପେକ୍ଟର ଚନ୍ଦନ ସାହୁ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ପରେ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ଥାନାରେ କେସ ନଂ ୭/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# କାବ୍ୟଗ୍ରନ୍ଥ 'ସାରା ଆକାଶ ତୁମର' ଲୋକାର୍ପିତ

ନବରଙ୍ଗପୁର,୧୪।୪(ସଦାଶିବ ପ୍ରହରାଜ)

ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ସୀମାନ୍ତ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଚୈତନ୍ୟ ମନ୍ଦିର ସମ୍ମିଳନୀ ଗୃହରେ ମଙ୍ଗଳବାର ମହାବିଷୁବ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ତଥା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ୬ଷ୍ଠତମ କାବ୍ୟଗ୍ରନ୍ଥ 'ସାରା ଆକାଶ ତୁମର' ଲୋକାର୍ପିତ ହୋଇଥିଲା। ସାହିତ୍ୟର ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସଭାପତି ଅଶୋକ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଦୀପ କୁମାର ମିଶ୍ର, ସାହିତ୍ୟିକ ଡ. ନାରାୟଣ ପଣ୍ଡା, ଜଗନ୍ନାଥ ମହାପାତ୍ର, ଝାଡ଼େଶ୍ୱର ଖାଡ଼ଙ୍ଗା, ସୁଶାନ୍ତ କୁମାର ନାଏକ ତଥା ଅନେକ ସାହିତ୍ୟିକ ଉପସ୍ଥିତ ରହି ନିଜର ମତ ଓ ଅଭିଭାଷଣ ରଖିଥିଲେ। ଶେଷରେ ପ୍ରକାଶକ 'ଇଙ୍କୱୁ୍ୟ' ଧନ୍ୟବାଦ ଅର୍ପଣ ପୂର୍ବକ କାବ୍ୟଗ୍ରନ୍ଥର ସଫଳତା କାମନା କରିଥିଲେ।



ବିଷୁବ ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସମାଜ ସଂସ୍କାରକ ଥିଲେ ଆମ୍ବେଦକର

**ଜିଲାସ୍ତରୀୟ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ**

ନବରଙ୍ଗପୁର,୧୪।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରଶାସନ ତରଫରୁ ଡ.ବାବା ସାହେବ ଆମ୍ବେଦକରଙ୍କ ୧୩୬ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଜିଲାପାଳ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଆର୍‌ସିଡିଓ କସ୍ତୁରବା ଗାନ୍ଧୀ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହା ପରେ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ସକାଳ ୯ଟାରେ ଆମ୍ବେଦକରଙ୍କ ଜୟନ୍ତୀ ସ୍ମୃତିସଭା, ଆଲୋଚନାଚକ୍ର ଓ ମୁକ୍ତପ୍ରଶ୍ନ ମଞ୍ଚର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ରୂପେ ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ଓ ମୁଖ୍ୟବକ୍ତା ରୂପେ ଜିଲା ଆଇନଜୀବୀ ସଂଘ ପୂର୍ବତନ ସଭାପତି ନରସିଂହନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଡ. ଆମ୍ବେଦକର ବିଶିଷ୍ଟ ଜନନେତା, ସମାଜ ସଂସ୍କାରକ, ଅସାଧାରଣ ବ୍ୟକ୍ତିତ୍ୱ, ସମ୍ବିଧାନ ପ୍ରଣେତା, ଗଣତନ୍ତ୍ରର ମୁଖ୍ୟ ପୁରୋଧା, ସାମାଜିକ ନ୍ୟାୟର ପ୍ରତିଷ୍ଠାତା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ସ୍ୱାଗତ ଭାଷଣ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପରେ ଡ. ଆମ୍ବେଦକରଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ମୁକ୍ତ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା। ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସଭାରେ ବୁଦ୍ଧିଜୀବୀ ଡ. ବିଜୟ ମିଶ୍ର, ନାରାୟଣ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଓଡ଼ିଆ ନବବର୍ଷରେ ପିଠା,ହୁଳହୁଳି,ଝୋଟି ପ୍ରତିଯୋଗିତା

ନବରଙ୍ଗପୁର,୧୪।୪(ସଦାଶିବ ପ୍ରହରାଜ)

ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ ୨୦୨୬' ପାଳନ ଅବସରରେ ମଙ୍ଗଳବାର ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ବହୁ ସଂଖ୍ୟାରେ ମହିଳା ଓ ଯୁବତୀ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ ପିଠାପଣା, ହୁଳହୁଳି ଏବଂ ଝୋଟି, ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଓଡ଼ିଆ ଅସ୍ମିତାର ଏକ ସୁନ୍ଦର ଝଲକ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତଥା ଓଡ଼ିଆ ପକ୍ଷ ପାଳନର ନୋଡାଲ ଅଧିକାରୀ ତପନ ଖୁଣ୍ଟିଆ ଯୋଗଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର ଏବଂ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରତିଯୋଗିତାରେ ବିଚାରକ ଭାବେ ସାମାଜିକ କର୍ମୀ ମନୋରମା ମାଝୀ, ନନ୍ଦାହାଣ୍ଡି ସିଡିପିଓ ସସ୍ମିତାବାଳା ମହାନ୍ତି, ଜିଲା କାର୍ଯ୍ୟକ୍ରମ ଅଧିକାରୀ (ବାଲ୍ୟବିବାହ ନିଷେଧ) ରମା ପଟ୍ଟନାୟକ, ଉପଖଣ୍ଡସ୍ତରୀୟ କାର୍ଯ୍ୟକ୍ରମ ଅଧିକାରୀ ପୁଷ୍ପା ପଟ୍ଟନାୟକ ଏବଂ ଜିଲା ସମାଜ କଲ୍ୟାଣ ବିଭାଗର କଳ୍ପନା ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଝୋଟି ପ୍ରତିଯୋଗିତାରେ ମଦନ ଜାନୀ ପ୍ରଥମ, ସ୍ମିତାରାଣୀ ସାହୁ ଓ ମୀନା ଜାନୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ପିଠା ପ୍ରତିଯୋଗିତାରେ ପାପଡ଼ାହାଣ୍ଡିର ମାର୍ଥା ଏସ୍‌ଏଚ୍‌ଜି ଗ୍ରୁପ୍ ପ୍ରଥମ, ବୁଦାଇ ଦୋରା ଦ୍ୱିତୀୟ ଓ ପୁଷ୍ପଲତା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ହୁଳହୁଳି ପ୍ରତିଯୋଗିତାରେ ୧୨ ସେକେଣ୍ଡ ପର୍ଯ୍ୟନ୍ତ ହୁଳହୁଳି ପକାଇ ପୁଷ୍ପଲତା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଗୀତାଞ୍ଜଳି ପୂଜାରୀ ଦ୍ୱିତୀୟ ଓ ପୂଜା ବିଶ୍ୱାସ ତୃତୀୟ ସ୍ଥାନ ହାସଲ କରିଥିଲେ। ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ। ଏଥିସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।


ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଆମ୍ବେଡ଼କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

କୋରାପୁଟ/ଜୟପୁର/ନନ୍ଦପୁର/ ସୁନାବେଡ଼ା/ ସେମିଳିଗୁଡ଼ା/ କୁନ୍ଦୁରା/ ଲମତାପୁଟ, ୧୪।୪ (ଅମିତାଭ ବେହେରା/ପବନ ପାଣିଗ୍ରାହୀ/ତୁଷାରକାନ୍ତ ମହାନ୍ତି/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ସନ୍ତୋଷ ପ୍ରହରାଜ/ଭକ୍ତରାମ ବାଙ୍କିଆ)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରଘୁରାମ ମାଛ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟମାନେ।

କୋରାପୁଟ ସଦର ମହକୁମାରେ ସମ୍ବିଧାନ ପ୍ରଣେତା ଡ. ବି.ଆର୍. ଆମ୍ବେଡ଼କରଙ୍କ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପିତ ପ୍ରତିମୂର୍ତ୍ତିରେ ଅତିଥି ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇଥିଲେ। ଯୁବପିଢ଼ିଙ୍କୁ ଆମ୍ବେଡକରଙ୍କ ପୁସ୍ତକ ପଢିବାକୁ ଆହ୍ୱାନ ଦେଇଥିଲେ। ଜିଲାପାଳ ମନୋଜ ସତ୍ୟବାନ ମହାଜନ, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୂର୍ବତନ ବିଧାୟକ ନିମାଇଁ ସରକାର, ଭାଜପା ଜିଲା ସଭାପତି ଶିବ ମୁଦୁଲି, ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ଓ ସାମାଜିକ କର୍ମୀ ରୂପକ ତୁରୁକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭାପତି ସସ୍ମିତା ମେଲେକା ଆମ୍ବେଡକରଙ୍କ ଆଦର୍ଶ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜୟପୁର ଆମ୍ବେଡକର ଛକରେ ସ୍ଥାପିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଜୟନ୍ତୀ ପାଳନ କରାଯାଇଛି। ଜୟପୁର ଏସ୍‌ଡିପିଆରଓ ଯୋଶଦା ଗାଦବା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମହାଦଳିତ ପରିସଂଘ ରାଜ୍ୟ ସଭାପତି ବୃନ୍ଦାବନ ଖରାଙ୍କ ଅଧ୍ୟକ୍ଷତାରେ ରଜତ ବିଶ୍ୱାସ, ବାସୁ ନାୟକ, ନରସିଂହ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଛି। ନନ୍ଦପୁର ବ୍ଲକ ସଦର ମହକୁମାରେ ସ୍ଥାପିତ ଡ.ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସଭା ଓ ଶୋଭାଯାତ୍ରା କରାଯାଇ ସ୍ମୃତିଚାରଣ କରାଯାଇଛି। ଦଳିତ ସେବା ସମିତି ପକ୍ଷରୁ ଆୟୋଜିତ ସଭାରେ ଜିଲା ଏସ୍‌ଡିସି ଅଧ୍ୟକ୍ଷ ଭଗବାନ ମୁଦୁଲି, ବିଡିଓ ଦୁର୍ଗାପ୍ରସାଦ ଦୋରା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳକୃଷ୍ଣ ବେବର୍ତ୍ତା ପ୍ରମୁଖ ଆମ୍ବେଡକରଙ୍କ ଜୀବନୀ, ତ୍ୟାଗ ସମ୍ପର୍କରେ ସୂଚନା ଦେଇଥିଲେ। ଦଳିତ ସେବା ସମିତି ସଭାପତି ଜଗନ୍ନାଥ ପାଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେମିଳିଗୁଡ଼ା ଓ ସୁନାବେଡା ସହରର ବିଭିନ୍ନ ଦଳିତ ଅନୁଷ୍ଠାନ ପକ୍ଷରୁ ଡ. ବି ଆର୍ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଛି। ସେମିଳିଗୁଡ଼ା ଆମ୍ବେଡକର ସୋସାଇଟି ପକ୍ଷରୁ ଦାମନଯୋଡ଼ି ଲୁଙ୍ଗୁଡ଼ିଛକରୁ ଶୋଭାଯାତ୍ରା ବାହାରି ନାଲକୋ ଛକରେ ପହଞ୍ଚିଥିଲା। ଏଥିରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ସମାଜସେବୀ ଶାମ୍ଭ ପାଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ। ସୁନାବେଡ଼ା ଆମ୍ବେଡକର ସୋସାଇଟିର ଶତାଧିକ ସଦସ୍ୟ ସୁନାବେଡା ଦଶହରା ପଡିଆରେ ଏକତ୍ର ହୋଇଥିଲେ। ଟ୍ରାଫିକ ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ହାଲ ଏସସିଏସଟି କର୍ମଚାରୀ ଓ ଅଫିସର୍ସ ଆସୋସିଏଶନ ପକ୍ଷରୁ ମଧ୍ୟ ପାଳନ କରାଯାଇଛି। ସେହିପରି କୁନ୍ଦୁରା ବ୍ଲକ ଉପକଣ୍ଠ ସାଗରଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆରେ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ସଭାପତି ଭଜମନ ସାନ୍ତାଙ୍କ ତତ୍ତ୍ୱାବଧାନରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ମୃତିଚାରଣ କରି ଭାରତ ସମ୍ବିଧାନ ପ୍ରଣୟନରେ ଆମ୍ବେଡକରଙ୍କ ଭୂମିକା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ତ୍ରିନାଥ ସମରଥ, ବରିଷ୍ଠ ସଭାପତି ଚନ୍ଦ୍ର ସଗରିଆ, କୋଷାଧ୍ୟକ୍ଷ ମାଳୀ ନାୟକ, କୁନ୍ଦୁରା ସରପଞ୍ଚ ଲବ ପରଜା ଉପସ୍ଥିତ ଥିଲେ। ଦୁରୁଆ ନାଚ ତାଳେ ତାଳେ ଶୋଭାଯାତ୍ରା ବାହାରି ସାଗରଗୁଡ଼ା ଛକ ଶହୀଦ ଲକ୍ଷ୍ମଣ ନାୟକ ଓ ଗାନ୍ଧୀ ଛକରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଲମତାପୁଟ ବ୍ଲକ ସଦର ମହକୁମା କଲେଜ ଛକରେ ଆମ୍ବେଡକରଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏଥିରେ ଅଞ୍ଚଳର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ଲମତାପୁଟ ବ୍ଲକ କଲୋନୀ ଓଲିଗୁଡାରୁ ମାଳିସାହି ଯାଏ ଶୋଭାଯାତ୍ରା ହୋଇଥିଲା। ଏଥିରେ ବିଧାୟକ ରଘୁରାମ ମାଛ, ରାୟଗଡା ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି ଉପସ୍ଥିତ ଥିଲେ।

### ବି.ଆର୍. ଆମ୍ବେଡ଼କର ଜୟନ୍ତୀ ପାଳିତ

## ମନ୍ଦିର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍


ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରାଯାଇଛି।

### ଦାନହୁଣ୍ଡିରୁ ନଗଦ ଟଙ୍କା, ସିସିଟିଭି ହାର୍ଡ ଡିସ୍କ ଚୋରି

ବୋରିଗୁମ୍ମା, ୧୪।୪ (ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କୁମୁଲିରେ ନୂତନ ଜଗନ୍ନାଥ ମନ୍ଦିରରୁ କେତେକ ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଦାନହୁଣ୍ଡିରୁ ଲକ୍ଷାଧିକ ଟଙ୍କା ସୋମବାର ରାତିରେ ଚୋରି କରି ନେଇଛନ୍ତି। ସିସିଟିଭିର ହାର୍ଡ ଡିସ୍କ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟଦ୍ୱାରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ସୂଚନା ମିଳିଛି। ମଙ୍ଗଳବାର ସକାଳୁ ଭକ୍ତମାନେ ଦର୍ଶନ ପାଇଁ ଆସି ମନ୍ଦିର ପରିସର ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଦେଖି ଦେଖିଥିଲେ। ଖବର ପ୍ରଚାର ପରେ ଶହ ଶହ ଜଗନ୍ନାଥ ପ୍ରେମୀ ମନ୍ଦିର ସମ୍ମୁଖରେ ଭିଡ଼ ଜମାଇଥିଲେ। ତଦନ୍ତ କରି ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ଗ୍ରାମବାସୀ ପୋଲିସକୁ ନିବେଦନ କରିଛନ୍ତି। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବି.ସିଂହପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ବି.ସିଂହପୁର ପୋଲିସ, ବୋରିଗୁମ୍ମା ଏସ୍‌ଡିପିଓ ଏବଂ କୋରାପୁଟ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ମନ୍ଦିର ଏକ ମାସ ତଳେ ପ୍ରତିଷ୍ଠା ହୋଇଥିଲା। କମ ସମୟ ମଧ୍ୟରେ ଏଭଳି ଚୋରି ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି।

## ବିଷୁବ ମିଳନରେ ସାହିତ୍ୟ ସୁରକ୍ଷା ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ, ୧୪।୪ (ଅମିତାଭ ବେହେରା)

କୋରାପୁଟ କୋଟସ ସମ୍ମିଳନୀ କକ୍ଷରେ ସତ୍ତା ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ସାରସ୍ୱତ ସାହିତ୍ୟ ଆସର ଓ ୪୪ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଛି। ସଂସଦ ସଭାପତି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ରଘୁରାମ ମାଛ ସାହିତ୍ୟର ସୁରକ୍ଷା ପାଇଁ ସମସ୍ତଙ୍କ ଏକତ୍ର ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଗାଳ୍ପିକା କନକମଞ୍ଜରୀ ପଟ୍ଟନାୟକ, ପ୍ରାବନ୍ଧିକ ଦୁର୍ଗାପ୍ରସାଦ ଆଚାର୍ଯ୍ୟ ଓ କବି ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କୁ ବିଷୁବ ସାରସ୍ୱତ ସମ୍ମାନ ପ୍ରଦାନ ଦିଆଯାଇଥିଲା। କୃଷ୍ଣଚନ୍ଦ୍ର ସିଂ, ରାଜକିଶୋର ଦାସ ଓ ସୁବାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ସାହିତ୍ୟର ସାମାଜିକ ପ୍ରଭାବ ଉପରେ ମତ ରଖିଥିଲେ। ପ୍ରଥମ ଅଧିବେଶନକୁ ରବି ଶତପଥୀ ପରିଚାଳନା କରିଥିଲେ। ବିଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଅଧ୍ୟାପକ କମଳ ମହନ୍ତଙ୍କ ସଭାପତିତ୍ୱରେ ଚନ୍ଦ୍ରକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୨୫ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଶୋକ ମହାରଣା ଓ ରଘୁନାଥ ବିଶ୍ୱାଳ ସଂଯୋଜନା କରିଥିଲେ। ଡ.ସୌମେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଅଗ୍ନିଶମ ବିଭାଗର ସଚେତନତା ଶୋଭାଯାତ୍ରା

ଜୟପୁର, ୧୪।୪ (ପବନ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ।

କୋରାପୁଟ ଜିଲା ଜୟପୁର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ୨୦ ତାରିଖ ଯାଏ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଲୋକେ ଅଗ୍ନିକାଣ୍ଡରୁ ରକ୍ଷା ପାଇବା ନେଇ ସଚେତନ କରାଯାଇଛି। ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରରୁ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇ ଲୋକଙ୍କୁ ସଚେତନ କରାଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ଅଗ୍ନିକାଣ୍ଡକୁ ଆୟତ୍ତ କରି ଲୋକଙ୍କ ଜୀବନ ରକ୍ଷା କରି ପରିବେଶକୁ ରକ୍ଷା କରିବେ। ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା। ଅଗ୍ନି ନିର୍ବାପକ ଯନ୍ତ୍ର, ମାଇପ, ଭୂତଳ ଟାଙ୍କି ପାଣି ଆଦି ବ୍ୟବହାର କରିବା, ଧୂଆଁ ବାହାରିବା ପାଇଁ ଝରକା ଖୋଲିବା, ନିଆଁକୁ ଆୟତ୍ତ କରିବାକୁ ସ୍ୱତନ୍ତ୍ର କବାଟ ବନ୍ଦ ରଖିବା, ବାହାରକୁ ଯିବା ଚିହ୍ନ ଅନୁସରଣ କରିବା, ରୋଗୀ ଓ ଶିଶୁମାନଙ୍କୁ ସାହାଯ୍ୟ କରିବା, ୧୧୨ ଅଗ୍ନିଶମ କେନ୍ଦ୍ରକୁ କଲ କରିବା ଆଦି ସଚେତନ କରାଯାଇଛି ।

## ଓଡ଼ିଶା ଅମଲା ସଂଘର ତ୍ରୈବାର୍ଷିକ ସମ୍ମିଳନୀ ଜିଲାରେ କରିବାକୁ ଦାବି

ଜୟପୁର, ୧୪।୪ (ପବନ ପାଣିଗ୍ରାହୀ)

ଓଡ଼ିଶା ଅମଲା ସଂଘର ତ୍ରୈବାର୍ଷିକ ସମ୍ମିଳନୀ କୋରାପୁଟ ଜିଲାରେ କରିବାକୁ ଦୀର୍ଘ ବର୍ଷ ଧରି ଦାବି ହେଉଛି। ରାଜ୍ୟ ସଂଘ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଜିଲାସ୍ତରୀୟ ଅମଲାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତି ବୈଠକରେ ଏହି ଦାବି ଉପସ୍ଥାପନା କରାଯାଇଥିବା ଓଡ଼ିଶା ଅମଲା ସଂଘ ଅତିରିକ୍ତ ସାଧାରଣ ସମ୍ପାଦକ ଶଶିଭୂଷଣ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲା ସମେତ ବାଲେଶ୍ୱରରେ ତ୍ରୈବାର୍ଷିକୀ ସମ୍ମିଳନୀ ହୋଇସାରିଛି। ରାଜ୍ୟ ନେତୃବୃନ୍ଦ ଦୀର୍ଘ ବର୍ଷ ହେବ ତାଙ୍କ ଅଞ୍ଚଳରେ ତ୍ରୈବାର୍ଷିକ ସମ୍ମିଳନୀ କରି ନିର୍ବାଚନ ବଦଳରେ ନିଜେ ଚୟନ ହୋଇଯାଉଛନ୍ତି। କୋରାପୁଟ ଜିଲାକୁ ରାଜ୍ୟ ନେତୃବୃନ୍ଦ ଅଣଦେଖା କରୁଥିବା ସେ କହିଛନ୍ତି। ଜିଲାରେ ରାଜ୍ୟର ତ୍ରୈବାର୍ଷିକ ସମ୍ମିଳନୀ କରି ରାଜ୍ୟ ସଭାପତି ତଥା ରାଜ୍ୟସଭା ସଦସ୍ୟ ମନମୋହନ ସାମଲଙ୍କୁ ଏଥିରେ ଯୋଗଦେବାକୁ ଅନୁରୋଧ କରିବାକୁ ସ୍ଥିର ହୋଇଥିବା ପ୍ରକାଶ କରିଛନ୍ତି। ରାଜ୍ୟ ନେତୃବୃନ୍ଦ କୌଣସି ପ୍ରତିବନ୍ଧକ ସାଜିଲେ ସଂଘରେ ଫାଟ ହେବ ବୋଲି କହିଛନ୍ତି।

## ଆରଏମ୍‌ସି ହାଟଗୃହ ଭାଙ୍ଗିବା ନେଇ ଅସନ୍ତୋଷ

ନନ୍ଦପୁର, ୧୪।୪ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ବୁଧବାର ସାପ୍ତାହିକ ହାଟ ମଧ୍ୟର ପୁରୁଣା ହାଟ ଗୃହକୁ ବିନା ଅନୁମତିରେ ଭାଙ୍ଗିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆରଏମ୍‌ସି ଅଧୀନରେ ଥିବା କହି ହାଟ ପରିସରକୁ ସଫେଇ କରିବାକୁ ବାରଣ କରୁଥିବା ପଞ୍ଚାୟତ ପ୍ରଶାସନ ଉକ୍ତ ହାଟଗୃହ ଭାଙ୍ଗି ଛପର ଟିଣ ଓ କାଠ କାଢ଼ି ନେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଆରଏମ୍‌ସି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏହି ଗୃହ ପୂର୍ବରୁ ଏକ ପାର୍ଶ୍ୱ ଛେଳି ମେଣ୍ଢା ବିକ୍ରି ଓ ଅପରପାର୍ଶ୍ୱରେ କିରୋସିନି ବିକ୍ରି ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିଲା।


ହାଟ ଗୃହକୁ ଭଙ୍ଗାଯାଉଛି।

ଭାଙ୍ଗିବାକୁ କାହାକୁ ଅନୁମତି ଦିଆଯାଇ ନ ଥିବା କୁହାଯାଇଛି। ନନ୍ଦପୁର ପଞ୍ଚାୟତ ପିଇଓ ଦିବାକର ପୁରୋହିତଙ୍କୁ ପଚାରିବାରୁ ଏହି ଗୃହ ଅବ୍ୟବହୃତ ଅବସ୍ଥାରେ ଥିଲା। ଟିଣ ଛପର ଅର୍ଦ୍ଧାଧିକ ନଷ୍ଟ ହୋଇଯାଇଛି। ଗୃହ ଭାଙ୍ଗିବାକୁ ପଞ୍ଚାୟତରେ ରେଜୁଲେଶନ କରାଯାଇଛି। କଢ଼ାଯାଇଥିବା ଟିଣଗୁଡ଼ିକୁ ନେଇ ପଞ୍ଚାୟତର ଚାଉଳ ବଣ୍ଟନ କେନ୍ଦ୍ର ସମ୍ମୁଖରେ ଲୋକଙ୍କୁ ଛାୟା ପ୍ରଦାନ ପାଇଁ ବିଛାଯିବ ବୋଲି କହିଛନ୍ତି। ଗୃହ ଅବ୍ୟବହୃତ ଓ ଅପନ୍ତରିଆ ଅବସ୍ଥାରେ ଥିଲା ବେଳେ ପଞ୍ଚାୟତ ପ୍ରଶାସନ ଏହାର ମରାମତି କାହିଁକି କରିଲେନି ବୋଲି ପ୍ରଶ୍ନ କରାଯାଇଛି। ଆରଏମ୍‌ସି ଓ ସରକାରୀ ଗୃହକୁ ବିପଦସଙ୍କୁଳ ଚିହ୍ନଟ କରିବାକୁ ଉଦ୍ଦିଷ୍ଟ ବିଭାଗର ଅନୁମୋଦନ ନିଆଯାଇ ନାହିଁ କାହିଁକି ବୋଲି କୁହାଯାଇଛି। ଆରଏମସି କର୍ତ୍ତୃପକ୍ଷ, ବ୍ଲକ ଓ ଜିଲା ପ୍ରଶାସନ ତଦନ୍ତ କରିବାକୁ ଅନୁରୋଧ କରାଯାଇଛି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଲକ୍ଷ୍ମୀପୁର, ୧୪।୪ (ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ କାକିରିଗୁମ୍ମା ସରସତୀ ଶିଶୁ ମନ୍ଦିରରେ ୨୦ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ବିଜୟଲକ୍ଷ୍ମୀ ମିଶ୍ର, ସମ୍ପାଦକ ମୀନକେତନ ନାୟକ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେଶିକା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା, ଗୋଷ୍ଠୀ ଶିକ୍ଷାଧିକାରୀ ରିତା ମହାନ୍ତି, ମୁଖ୍ୟବକ୍ତା ରମେଶ ଚନ୍ଦ୍ର ସାହୁ ରାୟଗଡ଼ ଜିଲା ସଙ୍କୁଳ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଶିଶୁ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ ହେବା ନେଇ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ମୀନାକ୍ଷୀ ପାତ୍ର, ଶିକ୍ଷକ ହେମନ୍ତ ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ଗୁରୁମା ଦମୟନ୍ତୀ ରାଉତ, ଝରଣା ରାଣୀ ପ୍ରଧାନ, କାଞ୍ଚି ରାଣୀ ହିଆଲ ସହଯୋଗ କରିଥିଲେ।

## ଓଡ଼ିଆ ଭାଷା, ସଂସ୍କୃତି ବଜାୟ ରଖିବାକୁ ଆହ୍ୱାନ

ଦଶମନ୍ତପୁର, ୧୪।୪ (ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷର ଓ ପଣାସଂକ୍ରାନ୍ତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୀଧେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ କମ୍ପ୍ୟୁଟର ପ୍ରଗ୍ରାମର ଶାନ୍ତନୁ ନାହାକ ପରିଚାଳନା କରିଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରୀ କବିତା ନାଗ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସଂଘ ସଭାପତି ବାସ ପ୍ରଧାନୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମଧୁସୁଦନ ପାତ୍ର, ଶିକ୍ଷକ ଲଳିତ ସେଠ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଜାୟ ରଖିବା ନେଇ ଅତିଥି ବୁଝାଇଥିଲେ। ଏଥିସହ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦ ଖାଦ୍ୟ, ପଣା ଓ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ପୁରସ୍କାର ଦେଇଥିଲେ।

## ହନୁମାନ ଜୟନ୍ତୀ ପାଳିତ

କୋରାପୁଟ/ସୁନାବେଡା/ସେମିଳିଗୁଡ଼ା/ ନନ୍ଦପୁର/ ଜୟପୁର, ୧୪।୪ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼/ତୁଷାରକାନ୍ତ ମହାନ୍ତି/ ପବନ ପାଣିଗ୍ରାହୀ)

ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ସହ କୋରାପୁଟ ସହରର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସହରର ଶାବର ଶ୍ରୀକ୍ଷେତ୍ର ସମେତ ଗୌତମନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର, ଗାନ୍ଧିନଗର ହାଉସିଂ ବୋର୍ଡ଼ କଲୋନୀସ୍ଥିତ ହନୁମାନ ମନ୍ଦିର, ଓଏମ୍‌ସିସ୍ଥିତ ହନୁମାନ ମନ୍ଦିରରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଲମତାପୁଟ ବ୍ଲକ ସଦର ମହକୁମା ଓ ମର୍ଚ୍ଚମେପୁଟସ୍ଥିତ ହନୁମାନ ମନ୍ଦିରରେ ଭକ୍ତ ଭିଡ଼ ଜମିଥିଲା। ବିଭିନ୍ନ ସ୍ଥାନରେ ନାମ ସଂକୀର୍ତ୍ତନ ହୋଇଥିଲା। ବାବା ଆଖଣ୍ଡଳମଣି ମନ୍ଦିରରେ ବିଶ୍ୱଶାନ୍ତି ମହା ଯଜ୍ଞ ହୋଇଥିଲା। ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ୨ ସହରର ହନୁମାନ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସହରର ପ୍ରମୁଖ ଛକଗୁଡ଼ିକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଥଚାରୀଙ୍କୁ ପଣା ବଣ୍ଟନ କରାଯାଇଥିଲା। ସନାତନୀ ସଂସ୍କୃତି ସମିତି ପକ୍ଷରୁ ବାଇକ ଶୋଭାଯାତ୍ରା ଦାମନଯୋଡି ଛକରୁ ବାହାରି ସହର ପରିକ୍ରମା ପରେ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ନନ୍ଦପୁର ବ୍ଲକ ଅଞ୍ଚଳ ମହାବିଷୁବ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ନନ୍ଦପୁର ହନୁମାନ ମନ୍ଦିର, ଚିଙ୍ଗୁଡ଼ି ଗୁଆଁ, ହାଣ୍ଡିପୁଟ, ପାଡୁଆ ହନୁମାନ ମନ୍ଦିରରେ ହୋମ ଯଜ୍ଞ କରାଯାଇ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ ହୋଇଥିଲା। ଅନ୍ନଭୋଗ ପହଡ, ପୂଜା ବିଧି ଆଳତି ପରେ ପଣାଭୋଗ କରି ଶ୍ରଦ୍ଧାଳୁଙ୍କୁ ବଣ୍ଟାଯାଇଥିଲା। ଜୟପୁର ରାଜୁ ସାହିସ୍ଥିତ ହନୁମାନ ମନ୍ଦିର, ରଜାନହରସ୍ଥିତ ରଘୁନାଥ ମନ୍ଦିର,ଓ୍ୱେଲକମ ଛକ ସମେତ ଅନ୍ୟ ଅଞ୍ଚଳର ହନୁମାନ ମନ୍ଦିରରେ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଜୟପୁର ଦୈନିକ ବଜାରରେ ହନୁମାନଙ୍କ ସ୍ୱତନ୍ତ୍ର ପୂଜା କରାଯାଇଛି। ହନୁମାନଙ୍କ ନିକଟରେ ଦମ୍ପତିମାନେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରଗୁଡ଼ିକରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପଣା ବଣ୍ଟନ କରାଯାଇଛି। ମନ୍ଦିରରେ ହୋମଯଜ୍ଞ, ହନୁମାନ ଚାଳିଶା ପାଠ ହୋଇଥିଲା।



ଜୟପୁର, ନନ୍ଦପୁରରେ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି।

## ‘ମହାବିଷୁବ ସଂକ୍ରାନ୍ତି କୃଷି ସହ ଜଡ଼ିତ ଏକ ବୈଜ୍ଞାନିକ ପର୍ବ’



କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ।

ଜୟପୁର, ୧୪।୪ (ପବନ ପାଣିଗ୍ରାହୀ)

ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ କୋରାପୁଟ ଜିଲା ଯାଦବ ଭବନରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ମଦନମୋହନ ନାୟକ, ଉପସଭାପତି ରାଜେନ୍ଦ୍ର ଗୌଡ, ସମ୍ପାଦକ ନବୀନ ମାଦଳା, କୋଷାଧ୍ୟକ୍ଷ ନରେଶ ମହାକୁଳ, ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ଶ୍ରମିକ ନେତା ବାଲା ରାୟ ଯୋଗଦେଇଥିଲେ। ଆଲୋଚନା ଚକ୍ରରେ ଉପଦେଷ୍ଟା ବିନୋଦ ମହାପାତ୍ର ମହାବିଷୁବ ସଂକ୍ରାନ୍ତି କେବଳ ତାରିଖ ବଦଳ ନୁହେଁ, ଏହା ଆମ କୃଷି, ସଂସ୍କୃତି ଓ ଜ୍ୟୋର୍ତିବିଜ୍ଞାନ ସହ ଜଡ଼ିତ ଏକ ବୈଜ୍ଞାନିକ ପର୍ବ ବୋଲି କହିଛନ୍ତି। ଏହି ଦିନ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରି ନୂଆ କୃଷି ବର୍ଷ ଆରମ୍ଭ ହୁଏ। ସମସ୍ତ ସଦସ୍ୟ ନୂଆବର୍ଷରେ ସମାଜସେବା ଓ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ସମସ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା। ଉତ୍କଳ ସମ୍ମିଳନୀ ସଙ୍ଗଠନ ସମ୍ପାଦକ ପରମେଶ୍ୱର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର ଧନ୍ୟବାଦ ଦେଇଥିଲେ। ସଂସଦର ବିଷୁବ ମିଳନ ସାହିତ୍ୟ ଉତ୍ସବରେ ଶରଦାବିହାରର ଗୁରୁଜୀ ଅନନ୍ତ ନାରାୟଣ ମହାପାତ୍ର ଓ ବୈପାରୀଗୁଡା ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ମାନସୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ।

## ଓଡ଼ିଆ ନବବର୍ଷ ପାଳିତ

ନନ୍ଦପୁର/ପାଡୁଆ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅଞ୍ଚଳରେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ନିଶା ନିବାରଣ ପାଇଁ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ବୈଶାଖୀ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଛି। ସଂସଦ ସମ୍ପାଦକୀୟ ମଣ୍ଡଳୀ ସଦସ୍ୟ ବିରଞ୍ଚି ପଣ୍ଡା କାର୍ଯ୍ୟାଳୟ ପରିସରରେ ହୋମଯଜ୍ଞ କରି ପ୍ରସାଦ ବଣ୍ଟନ କରିଥିଲେ। ସଂସଦ କାର୍ଯ୍ୟକାରୀ ସଭାପତି ଗୁନେସ ପାତ୍ର, ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ଉପସଭାପତି ଶତ୍ରୁଘ୍ନ ହିକାବାଡ଼ି, ଆବାହକ ଭଗବାନ ମହାପାତ୍ର ପ୍ରମୁଖ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ସଂସଦ ପକ୍ଷରୁ ପ୍ରକାଶିତ ପୁସ୍ତିକା ବୈଶାଖୀ ନେଇ ଆଲୋଚନା କରିଥିଲେ। ବ୍ଲକର ୩ ଗ୍ରାମ ନିଶାମୁକ୍ତ ଗ୍ରାମ ଭାବେ ଘୋଷଣା ହେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସମ୍ପାଦକ ବିଚିତ୍ରାନନ୍ଦ ସୂଚନା ଦେଇଥିଲେ।



ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର କର୍ମକର୍ତ୍ତା ।

